ଖଣି କମ୍ପାନି ଉପରେ ୨ ଲକ୍ଷ କୋଟି ବୋଝ

ନୂଆଦିଲ୍ଲୀ, ୧୪/୮: ଖଣିଜ ରୟାଲ୍‌ଟିକୁ ନେଇ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ଖଣି କମ୍ପାନିଗୁଡ଼ିକ ଲାଗି ଏକ ବହୁତ ବଡ଼ ଆର୍ଥିକ ଧକ୍କା ହେବାକୁ ଯାଉଛି। ଏକ ଆକଳନ ଅନୁସାରେ ରାୟ ଲାଗୁ ହେଲେ ଖଣି କମ୍ପାନିଗୁଡ଼ିକୁ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରୟାଲ୍‌ଟି ଦେବାକୁ ପଡ଼ିବ। କେବଳ ଖଣି କମ୍ପାନି ନୁହେଁ, ଇସ୍ପାତ, ଶକ୍ତି ଓ କୋଇଲା କ୍ଷେତ୍ରର କମ୍ପାନିଗୁଡ଼ିକ ମଧ୍ୟ ଏହି ରାୟ ଦ୍ୱାରା ପ୍ରଭାବିତ ହେବେ। ସେମାନଙ୍କ ଭବିଷ୍ୟତ ପୁଞ୍ଜିନିବେଶ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ବୁଧବାର ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ଷ୍ଟକ୍ ବଜାରରେ ହିନ୍ଦୁସ୍ତାନ ଜିଙ୍କ, ଏନ୍‌ଏମ୍‌ଡିସି, କୋଲ୍ ଇଣ୍ଡିଆ, ସେଲ୍, ଟାଟା ଷ୍ଟିଲ୍ ଆଦିର ସେୟାର ମୂଲ୍ୟ ହ୍ରାସ ପାଇଥିଲା।

ସୁପ୍ରିମ୍‌କୋର୍ଟଙ୍କ ରୟାଲ୍‌ଟି ରାୟକୁ ନେଇ ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ଚିନ୍ତା ପ୍ରକଟ କରିଛି। ଭାରତରେ ଖଣି ଶିଳ୍ପ ଉପରେ ଲାଗୁ ହୋଇଥିବା ଟିକସ ସମଗ୍ର ବିଶ୍ୱରେ ସର୍ବାଧିକ ଥିବା ବେଳେ ଏହି ରାୟ ଶିଳ୍ପକୁ ଗୁରୁତର ଭାବେ ପ୍ରଭାବିତ କରିବ। ଓଡ଼ିଶା ଓ ଝାଡ଼ଖଣ୍ଡରେ ଥିବା ଖଣିଗୁଡ଼ିକ ଅଧିକ ପ୍ରଭାବିତ ହେବେ ବୋଲି ମହାସଂଘର ଅତିରିକ୍ତ ସାଧାରଣ ସଚିବ ବି କେ ଭାଟିଆ କହିଛନ୍ତି। ସେ କହିଛନ୍ତି ଯେ ରାୟ ପ୍ରଭାବ ଖଣିଜ ସମ୍ପଦ ସହ ଜଡ଼ିତ ସବୁ ଶିଳ୍ପ ଉପରେ ପଡ଼ିବ। ଏହାର ପ୍ରଭାବରେ ଚୂଡ଼ାନ୍ତ ଉତ୍ପାଦ ମୂଲ୍ୟ ମଧ୍ୟ ବଢ଼ିବ। ତେଣୁ ରାୟକୁ ବଦଳାଇବା ଲାଗି ଏକ ଆଇନ ଆଣିବାକୁ ମହାସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

ଏହି ମାମଲାରେ ପୂର୍ବରୁ ହୋଇଥିବା ଶୁଣାଣି ବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ରାୟ ଲାଗୁ କଲେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ଗଣିବାକୁ ପଡ଼ିବ। ଓଡ଼ିଶାରେ ୧୦ଟି ଖଣି ଥିବା ଟାଟା ଷ୍ଟିଲ୍‌କୁ ୧୭ ହଜାର କୋଟି ଟଙ୍କା ଗଣିବାକୁ ପଡ଼ିପାରେ ବୋଲି ପୂର୍ବରୁ ଆକଳନ କରାଯାଇଥିଲା।

ରାମଦେବ, ବାଲକୃଷ୍ଣଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବନ୍ଦ

ନୂଆଦିଲ୍ଲୀ, ୧୪/୮: ଭ୍ରମାତ୍ମକ ବିଜ୍ଞାପନକୁ ନେଇ ପତଞ୍ଜଳି ବିରୋଧରେ ଦାଖଲ ହୋଇଥିବା ଅଦାଲତ ଅବମାନନା ମାମଲାକୁ ସୁପ୍ରିମକୋର୍ଟ ବନ୍ଦ କରିଦେଇଛନ୍ତି। ଫଳରେ ପତଞ୍ଜଳି, ଏହାର ପ୍ରତିଷ୍ଠାତା ବାବା ରାମଦେବ ଓ ଏମ୍‌ଡି ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ବଡ଼ ଧରଣର ଆଶ୍ୱସ୍ତି ମିଳିଛି। ତେବେ କୋର୍ଟ କହିଛନ୍ତି ଯେ ଯଦି ନିର୍ଦ୍ଦେଶର ଉଲ୍ଲଂଘନ ହେବ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଷ୍ଟିସ୍ ହିମା କୋହଲି ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ରାୟ ଶୁଣାଇଛନ୍ତି। ମେ' ୧୪ରେ ସୁପ୍ରିମକୋର୍ଟ ଅଦାଲତ ଅବମାନନା ରାୟକୁ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ଉଭୟ ରାମଦେବ ଓ ବାଲକୃଷ୍ଣ କୋର୍ଟଙ୍କୁ ବାରମ୍ବାର କ୍ଷମା ପାର୍ଥନା କରିଥିଲେ ଓ ଦେଶବ୍ୟାପୀ ସମ୍ବାଦପତ୍ରଗୁଡ଼ିକରେ କ୍ଷଥା ପ୍ରାର୍ଥନାକୁ ଛାପିଥିଲେ। କୋର୍ଟ ସେମାନଙ୍କ କ୍ଷମାକୁ ଗ୍ରହଣ କରିଛନ୍ତି।

କାନାରା ବ୍ୟାଙ୍କର ୧୬୦୮ ଛାତ୍ରୀଙ୍କୁ ବୃତ୍ତି

ଭୁବନେଶ୍ୱର, ୧୪/୮: କାନାରା ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ୨୬୮ଟି ଶାଖା ଅଧୀନରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ୧୬୦୮ ଜଣ ଛାତ୍ରୀଙ୍କୁ 'କାନାରା ବ୍ୟାଙ୍କ ଆମ୍ବେଦକର ବିଦ୍ୟା ଜ୍ୟୋତି ଶିକ୍ଷା ବୃତ୍ତି' ପ୍ରଦାନ କରାଯାଇଛି। ଏହି ଯୋଜନାରେ ଗ୍ରାମୀଣ, ଅର୍ଧ ସହରାଞ୍ଚଳ ଓ ସହରରେ ଥିବା ବ୍ୟାଙ୍କ ଶାଖାଗୁଡ଼ିକ ଅଞ୍ଚଳରେ ଥିବା ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ୍‌ରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ସମୁଦାୟର ଛାତ୍ରୀମାନଙ୍କୁ ଏହି ବୃତ୍ତି ଦିଆଯାଇଛି। ପଞ୍ଚମରୁ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ୩୦୦୦ ଟଙ୍କା ଏବଂ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ର ଅଂଶ ସ୍ୱରୂପ ଏହି ବୃତ୍ତି କାର୍ଯ୍ୟକ୍ରମକୁ ସର୍ବଭାରତୀୟ ସ୍ତରରେ ଲାଗୁ କରାଯାଇଛି। ବ୍ୟାଙ୍କର ସାରା ଦେଶରେ ଥିବା ୧୭୭ଟି କ୍ଷେତ୍ରୀୟ କାର୍ଯ୍ୟାଳୟ, ୨୬ଟି ମଣ୍ଡଳ କାର୍ଯ୍ୟାଳୟ ଓ ୭୪୫୬ଟି ଶାଖାରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ନିର୍ଦ୍ଦେଶକ ବିମଲ ପ୍ରସାଦ ଶର୍ମା, ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ, ନିର୍ଦ୍ଦେଶକ (ଏସ୍‌ସି ଡେଭେଲପ୍‌ମେଣ୍ଟ) ଲକ୍ଷ୍ମଣ କୁମାର ମଲ୍ଲିକ, ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ଓ ଭୁବନେଶ୍ୱର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

OFFICE OF THE
DEPUTY DIRECTOR OF FISHERIES (PURI ZONE), KAUSALYAGANGA
Email ID:ddfpurizone@gmail.com
TENDER CALL NOTICE

No.352 **Date.12.08.2024**

M-25: The Deputy Director of Fisheries, Puri Zone, Kausalyaganga hereby invites sealed tender from active women SHGs of Nayagarh district for taking up lease of Mahisanala reservoir situated in Nayagarh District of Odisha state having MWSA of 45.00 ha for the purpose of fishing activities as per the Odisha State Reservoir Fishery Policy 2012. The bidders can get tender documents from office of District Fisheries Officer, Nayagarh, Office of Deputy Director of Fisheries, Puri Zone, Kausalyaganga by submitting demand draft of Rs.500/- in favour of Deputy Director of Fisheries, Puri Zone, Kausalyaganga. Tender paper can also be downloaded from the website of Directorate of fisheries, Odisha, Cuttack (www.fisheries.odisha.gov.in). The sealed tenders should be delivered to the address mentioned below on or before 28.08.2024, 5.30 PM through Registered post / speed post / courier service / by hand to be dropped in the tender box kept in the office campus of zonal DDF, Puri Zone only. The sealed tenders will be opened 29.08.2024 at 12 noon in the office of Deputy Director of Fisheries, Puri Zone, Kausalyaganga by the tender opening committee along with the bidders or their authorized representatives if any. The undersigned reserves the right to accept or reject any or all the tenders without assigning any reasons thereof.

Sd/- Deputy Director of Fisheries, Puri Zone, Kausalyaganga, At/PO_Kausalyaganga, District-Puri, PIN:751002

OIPR 52009/11/0004/2425

ଭାରତର ରପ୍ତାନି ଚିନ୍ତା

- ଅନେକ ଦେଶକୁ ରପ୍ତାନି କମିଲା
- ଚୀନ୍, ରୁଷ୍‌ରୁ ଆମଦାନି ବଢ଼ିଲା

ନୂଆଦିଲ୍ଲୀ, ୧୪/୮: ଏକ ପ୍ରମୁଖ ରପ୍ତାନିକାରୀ ଦେଶ ଭାବେ ଭାରତର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଦେଶ ଭିତରେ ବିଭିନ୍ନ ଜିନିଷ ଉତ୍ପାଦନ କରି ବିଭିନ୍ନ ରାଷ୍ଟ୍ରକୁ ପଠାଇବା ଏବଂ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ ହେବା ଲାଗି ରହିଥିବା ସ୍ୱପ୍ନ ପ୍ରତି ଝଟ୍‌କା ଲାଗିଛି। ବିଶ୍ୱର ଅନେକ ଦେଶକୁ ଭାରତର ରପ୍ତାନି ହ୍ରାସ ପାଇଛି। ଚୀନ୍, ବ୍ରିଟେନ୍, ଜର୍ମାନୀ, ଦକ୍ଷିଣ ଆଫ୍ରିକା, ମାଲେସିଆ, ଫ୍ରାନ୍ସ, ଇଟାଲି, ଅଷ୍ଟ୍ରେଲିଆ, ନେପାଳ, ବ୍ରାଜିଲ୍, ବେଲଜିୟମ୍, ତୁର୍କୀ ଓ ଇଣ୍ଡୋନେସିଆକୁ ଭାରତର ରପ୍ତାନି ହ୍ରାସ ପାଇଛି।

ଚୀନ୍ ଉପରେ ନିର୍ଭରଶୀଳତା କମ୍ କରିବା ଲାଗି ଯେତେ ଉଦ୍ୟମ କରାଯାଉଥିଲେ ମଧ୍ୟ ତାହା ବିଶେଷ ସଫଳ ହେଉନାହିଁ। ସଦ୍ୟତମ ବ୍ୟବସାୟ ତଥ୍ୟରୁ ଜଣାପଡ଼ିଛି ଯେ ଜୁଲାଇରେ ଚୀନ୍‌ରୁ ଭାରତର ଆମଦାନି ୧୩ ପ୍ରତିଶତ ବଢ଼ିଥିବା ବେଳେ ରପ୍ତାନି ୯.୪୪ ପ୍ରତିଶତ ହ୍ରାସ ପାଇଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଚଳିତ ବର୍ଷ ଏପ୍ରିଲ୍-ଜୁଲାଇ ମଧ୍ୟରେ ଚୀନ୍‌କୁ ରପ୍ତାନି ୪.୫୪ ପ୍ରତିଶତ ହ୍ରାସ ପାଇ ୪୮୦ କୋଟି ଡଲାର ହୋଇଛି। ସେହି ସମୟରେ ଆମଦାନି ୯.୬୬ ପ୍ରତିଶତ ବୃଦ୍ଧି ପାଇ ୩୫୮୫ ଡଲାରରେ ପହଞ୍ଚିଛି। ଫଳରେ ଉଭୟ ଦେଶ ମଧ୍ୟରେ ୩୧୩୧ କୋଟି ଡଲାରର ବାଣିଜ୍ୟ ନିଅଣ୍ଟ ସୃଷ୍ଟି ହୋଇଛି। ତେବେ ଆଶ୍ୱସ୍ତିର ବିଷୟ ହେଉଛି ଆମେରିକା, ୟୁଏଇ, ନେଦରଲ୍ୟାଣ୍ଡସ୍, ସିଙ୍ଗାପୁର, ସାଉଦି ଆରବ, ବାଲାଂଦେଶ ଓ ମେକ୍ସିକୋକୁ ରପ୍ତାନି ବୃଦ୍ଧି ପାଇଛି। ଆମେରିକାକୁ ରପ୍ତାନି ୩.୧୫ ପ୍ରତିଶତ ବୃଦ୍ଧି ପାଇ ୬୫୫ କୋଟି ଡଲାର ହୋଇଥିବା ବେଳେ ସେଠାରୁ ଆମଦାନି ୧.୪୩ ପ୍ରତିଶତ ବୃଦ୍ଧି ପାଇ ୩୭୧ କୋଟି ଡଲାର ହୋଇଛି। ରୁଷ୍‌ରୁ ଆମଦାନି ୨୨.୫୬ ପ୍ରତିଶତ ବୃଦ୍ଧି ପାଇ ୫୪୧ କୋଟି ଡଲାର ହୋଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ବିପୁଳ ପରିମାଣର ଅଶୋଧିତ ତେଲ ରୁଷ୍‌ରୁ ମଗାଉଛି।

ବାଣିଜ୍ୟ ସଚିବ ସୁନିଲ ବର୍ଥୱାଲ୍ କହିଛନ୍ତି ଯେ ଚୀନ୍‌କୁ ରପ୍ତାନିରେ କୌଣସି ଦେଶ ଅତିକ୍ରମ କରିପାରିନାହାନ୍ତି। ଏଭଳିକି ଆମେରିକା ଓ ୟୁରୋପୀୟ ସଂଘ ମଧ୍ୟ ପଛରେ ରହିଛନ୍ତି। ତେବେ ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇରହିଛି ଏବଂ ଏଠାରେ ଉପଯୋଗିତା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେ କହିଛନ୍ତି। ଦେଶରେ ଲୋକମାନେ ଅଧିକ ଜିନିଷ ବ୍ୟବହାର କରୁଥିବାରୁ ଆମଦାନି ବଢ଼ୁଛି। ଏହା ବିଶେଷ ଚିନ୍ତାର ବିଷୟ ନୁହେଁ ବୋଲି ସେ କହିଛନ୍ତି।

ସଦ୍ୟତମ ତଥ୍ୟ ଅନୁସାରେ ଚୀନ୍ ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟ ସହଯୋଗୀ। ଚୀନ୍ ସହ ଦ୍ୱିପାକ୍ଷିକ କାରବାର ୧୧୮୪ କୋଟି ଡଲାର ରହିଛି। ଏହି ତାଲିକାରେ ଆମେରିକା ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। ୨୦୧୩-୧୪ରୁ ୨୦୧୭-୧୮ ପର୍ଯ୍ୟନ୍ତ ଏବଂ ୨୦୨୦-୨୧ରେ ଚୀନ୍ ଭାରତର ସବୁଠୁ ବଡ଼ ବାଣିଜ୍ୟ ସହଯୋଗୀ ଥିଲା। ଚୀନ୍ ପୂର୍ବରୁ ୟୁଏଇ ଶୀର୍ଷ ସ୍ଥାନରେ ଥିଲା। ୨୦୨୧-୨୨ ଓ ୨୦୨୨-୨୩ରେ ଆମେରିକା ଭାରତର ସବୁଠୁ ବଡ଼ ବାଣିଜ୍ୟ ସହଯୋଗୀ ଥିଲା।

'ସିଙ୍ଗେନି'ର ସ୍ମାର୍ଟ ୱାଟର୍ ଗିଜର୍

ଅହମଦାବାଦ, ୧୪/୮: ସିଙ୍ଗେନି ଲିମିଟେଡ୍‌ର ଦୁଇ ଦିନିଆ ଚେୟାରମ୍ୟାନ୍‌ସ କ୍ଲବ୍ କାର୍ଯ୍ୟକ୍ରମ ଗୋଆରେ ଅନୁଷ୍ଠିତ ହୋଇଯାଇଛି। ସେଠାରେ କମ୍ପାନି ପକ୍ଷରୁ ବୈପ୍ଳବିକ କୁଲର୍ ଓ ସ୍ମାର୍ଟ ୱାଟର୍ ଗିଜର୍ ଉନ୍ମୋଚନ କରାଯାଇଛି। କମ୍ପାନି ପକ୍ଷରୁ ଟ୍ରେଡ୍ ପାର୍ଟନରମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଛି। ଗିଜର୍‌କୁ ତିନିଟି ଭାରିଆଣ୍ଟ ସ୍ପା, ସଉନା ଓ ସୌଲ୍ ବର୍ଗରେ ଅଣାଯାଇଛି। ଏହି ଅବସରରେ କମ୍ପାନିର ଅଧ୍ୟକ୍ଷ ଅଚଲ୍ ବାକେରି କହିଛନ୍ତି ଯେ ସିଙ୍ଗେନି ସ୍ପା ଗିଜର୍‌କୁ ଉନ୍ମୋଚନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଗ୍ରାହକଙ୍କ ଆବଶ୍ୟକତାକୁ ଭଲ ଭାବେ ବୁଝି ସହ ପ୍ରଯୁକ୍ତିରେ ଉନ୍ନତ ଏହି ଉତ୍ପାଦ ବିକାଶ କରାଯାଇଛି। ୱାଟର୍ ହିଟର୍ କ୍ଷେତ୍ରରେ ଏହା ଜରିଆରେ ଆମେ ପ୍ରବେଶ କରିଛୁ। ଆମ ଉତ୍ପାଦ ଗ୍ରାହକଙ୍କ କେଶ ଓ ଚର୍ମ ସମସ୍ୟାର ଯତ୍ନ ନେବା ସହ ସେମାନଙ୍କ ପାଇଁ ଆରାମ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି।

'ରିଲାଏନ୍ସ ଡିଜିଟାଲ୍'ର ଡିଜିଟାଲ୍ ଇଣ୍ଡିଆ ସେଲ୍

ଭୁବନେଶ୍ୱର, ୧୪/୮: ରିଲାଏନ୍ସ ଡିଜିଟାଲ୍ ଦେଶର ସବୁଠୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ 'ଡିଜିଟାଲ୍ ଇଣ୍ଡିଆ ସେଲ୍' ଘୋଷଣା କରିଛି। ଏଥିରେ ଗ୍ରାହକମାନେ ସମସ୍ତ ରିଲାଏନ୍ସ ଡିଜିଟାଲ୍ ଏବଂ ମାଇଁ ଜିଓ ଷ୍ଟୋରଗୁଡ଼ିକରେ ଆକର୍ଷଣୀୟ ଅଫର ପାଇପାରିବେ। ସମସ୍ତ ଇଲେକ୍ଟ୍ରୋନିକ୍ସ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ ଏବଂ ନମନୀୟ ଇଏମ୍‌ଆଇ ବିକଳ୍ପ ସହିତ ସହଜ ଫାଇନାନ୍ସିଂ ସୁବିଧା ବି ପାଇପାରିବେ। ଏହି ସେଲ୍ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ୫୫ ଇଞ୍ଚ ୟୁଏଚଡ଼ି ଟିଭି ଦାମ୍ ୨୯୯୯୦ରୁ ଆରମ୍ଭ ହେଉଛି। ଆଇଫୋନ୍ ୧୩ ଦାମ୍ ୪୭,୬୦୦ ଟଙ୍କା ଥିବା ବେଳେ ଆଇଫୋନ୍ ୧୫ ଦାମ୍ ୬୩,୦୦୦ ଟଙ୍କା ରହିଛି। ଇଣ୍ଟେଲ୍ କୋର୍ ଆଇ୫ ଲାପଟପ୍ ଦାମ୍ ୩୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ସାଇଡ୍ ବାୟ ସାଇଡ୍ ରେଫ୍ରିଜରେଟର ୪୮୯୯୦ ଟଙ୍କାରେ ମିଳିବ। ଟପ୍ ଲୋଡ୍ ୱାସିଂ ମେସିନ୍ ଦାମ୍ ୧୯,୯୯୦ ଟଙ୍କା ରହିଛି। କେତେକ ଏସି ଉପରେ ୬୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ମଧ୍ୟ ରହିଛି।

ମନ୍ତ୍ରୀଙ୍କ ରାୟଗଡ଼ାରେ ଶିଳ୍ପ ପରିଦର୍ଶନ

ଭୁବନେଶ୍ୱର, ୧୪/୮(ଇମିସ): ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରାୟଗଡ଼ା ଗସ୍ତ କରି ବିଭିନ୍ନ ଶିଳ୍ପ ସଂସ୍ଥା ପରିଦର୍ଶନ କରିଛନ୍ତି। ସେ ଜେ କେ ପେପର ମିଲ୍ ଓ ମିଟ୍‌ସ ମେଗା ଫୁଡ୍ ପାର୍କ ଲିମିଟେଡ୍ ପରିଦର୍ଶନ କରିଛନ୍ତି। ଜେ କେ ପେପରମିଲ୍ସକୁ ଚାଷୀମାନେ କଞ୍ଚାମାଲ ଭାବେ କାଠ ଯୋଗାଇ ଜୀବିକା ନିର୍ବାହ କରୁଛନ୍ତି। ଆଖପାଖ ଅଞ୍ଚଳର ୬୫ ହଜାର ଚାଷୀ ସୋସିଆଲ ଫରେଷ୍ଟ୍ରି ଫାର୍ମିଂ ଜରିଆରେ ଉପକୃତ ହୋଇଥିବା ଜଣାପଡ଼ିଛି। ମିଟ୍ ମେଗା ଫୁଡ୍ ପାର୍କ ଓ ମିଟ୍‌ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପକ୍ଷରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା।

ଜେମିନି ଏଡିବଲ୍‌ସ ଫାଷ୍ଟ ଇଣ୍ଡିଆ ଏସ୍‌ଭିପିଙ୍କ 'କିସ୍' ପରିଦର୍ଶନ

ଭୁବନେଶ୍ୱର, ୧୪/୮: ଜେମିନି ଏଡିବଲ୍‌ସ୍ ଫାଷ୍ଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସେଲ୍‌ସ ଏବଂ ମାର୍କେଟିଂର ବରିଷ୍ଠ ଉପସଭାପତି ଚନ୍ଦ୍ର ଶେଖର ରେଡ୍ଡୀ କିସ୍ ପରିଦର୍ଶନ କରିଛନ୍ତି। ତାଙ୍କ ସହ କମ୍ପାନିର ଓଡ଼ିଶା ମୁଖ୍ୟ ଅମିୟ ଧଳ ଉପସ୍ଥିତ ଥିଲେ। କମ୍ପାନି ପକ୍ଷରୁ ପଢ଼ାରେ ସାହାଯ୍ୟ ସହଯୋଗ କରାଯାଉଥିବା କିସ୍‌ର ଯୁକ୍ତ ତିନି ଛାତ୍ରୀମାନଙ୍କୁ ଭେଟି ଶ୍ରୀ ରେଡ୍ଡୀ ସେମାନଙ୍କ ଆଲୋଚନା କରିଥିଲେ। ଏହା ସହ ସେମାନଙ୍କ ପାଠପଢ଼ା ସଂପର୍କରେ ପଚାରି ବୁଝିଥିଲେ। ସେ କିସ୍‌ର ସମସ୍ତ ବିଭାଗ ବୁଲିବା ସହ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କିସ୍ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଆପଣଙ୍କ ପ୍ରିୟଜନଙ୍କୁ ଅନ୍ତରରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଶ୍ରଦ୍ଧା ସୁମନ

୨୨ତମ ଶ୍ରାଦ୍ଧବାର୍ଷିକୀ

✓କାର୍ତ୍ତିକ ଚନ୍ଦ୍ର ରାଉତ
ଛତ୍ରବଜାର, କଟକ-୧୨
ଆବିର୍ଭାବ : ୧୫.୧୧.୧୯୩୭
ତିରୋଧାନ : ୧୫.୦୮.୨୦୦୨
ଆଜି ଆପଣଙ୍କର ୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ :
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଶ୍ରାବଣ ଶୁକ୍ଳପକ୍ଷ ଏକାଦଶୀ (୧୫.୦୮.୨୦୨୪)

✓ଗୋବର୍ଦ୍ଧନ ପଟ୍ଟନାୟକ
କାଉଁରୀ ପାଟଣା ସାହି, ରାଜସୁନାଖଳା, ଜି:ଖୋର୍ଦ୍ଧା
ଆବିର୍ଭାବ : ୦୭.୦୩.୧୯୪୨
ତିରୋଧାନ : ୦୩.୦୮.୨୦୧୭
ଆଜକୁ ଠିକ୍ ୭ବର୍ଷ ତଳେ ପବିତ୍ର ଶ୍ରାବଣ ଶୁକ୍ଳ ଏକାଦଶୀରେ ଆମ ସମସ୍ତଙ୍କୁ ଛାଡ଼ି ଆପଣ ଆରପାରିକୁ ଚାଲିଗଲେ। ସେହିଦିନ ଠାରୁ ଆପଣଙ୍କର ଅନୁପସ୍ଥିତି ପରିବାରରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରୁଛି। ଏପରି କୌଣସି ଦିନ ନାହିଁ, ଯେଉଁ ଦିନ ଆପଣ ମନେ ନ ପଡ଼ନ୍ତି। ଏବେବି ଚାହୁଁଛୁ ଆପଣ ଫେରି ଆସନ୍ତେକି ? ଯାହା ଅସମ୍ଭବ। ଆପଣଙ୍କ ଭଲଯାଇବା ଏବଂ ଆଶୀର୍ବାଦ ଆମ ସମସ୍ତଙ୍କ ପାଇଁ ଚିର ଅମଳିନ ହୋଇ ରହିଥାଉ। ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ଆପଣଙ୍କ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଶ୍ରଦ୍ଧାଞ୍ଜଳି ସହ :
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

✓ଡା. ଗୋବିନ୍ଦଚନ୍ଦ୍ର ଶତପଥୀ
ବିଜିପୁର, ତମାଣ୍ଡୋ
ଆବିର୍ଭାବ :୦୬.୧୧.୧୯୪୧
ତିରୋଧାନ :୨୨.୦୮.୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ପତ୍ନୀ : ସାବିତ୍ରୀ; ମୁନା, ଟିକି, ଚନ୍ଦ୍ରକାନ୍ତ, ପରିବାରବର୍ଗ ଓ ବାବା